ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 24-10-2025

ଗଜପତି(ଓଡିଶା) - :2025-10-24 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-10-25 | 2025-10-26 | 2025-10-27 | 2025-10-28 | 2025-10-29 |
|---|---|---|---|---|---|
| ବର୍ଷା (ମିମି) | 5.0 | 7.0 | 8.0 | 20.0 | 30.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 33.0 | 33.0 | 32.0 | 32.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 23.0 | 23.0 | 22.0 | 22.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 96 | 96 | 95 | 92 | 89 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 63 | 63 | 63 | 66 | 70 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 3 | 4 | 5 | 7 | 7 |
| ପବନର ଦିଗ (ଡିଗ୍ରୀ) | 30 | 29 | 34 | 49 | 45 |
| ମେଘାଚ୍ଛନ (ଅକ୍ଟା) | 4 | 4 | 5 | 6 | 7 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୩.୦ ରୁ ୦୭.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧.୦° ସେଲସିୟସ ରୁ ୩୩.୦° ସେଲସିୟସ ଏବଂ ୨୧.୦° ସେଲସିୟସ ରୁ ୨୩.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୯ ରୁ ୯୬ ଶତକଡା ଏବଂ ୬୩ ରୁ ୭୦ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ବିଜୁଳି ଓ ଘଡଘଡି ବର୍ଷା ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:**

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

**ସାଧାରଣ ଉପଦେଶ:**

| |
|---|
| ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୩.୨° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୧.୯° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୨୮.୨ ମିଲିମିଟର ବର୍ଷା ହୋଇଅଛି । ଉଚ୍ଚ ଓ ମଧ୍ୟମ ଜମିରେ ରବି ଫସଲ ଯଥା ଚିନାବାଦାମ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଓ ରାଶି ଆଦି ଲଗାଇବା ପାଇଁ ମାଟିର ଆର୍ଦ୍ରତା ପର୍ଯ୍ୟାପ୍ତ ଅଛି । ଏବେ ପନିପରିବା ଯଥା କୋବି ଜାତୀୟ ଫସଲ (ବନ୍ଧାକୋବି, ବିଳମ୍ବ କିସମ ଫୁଲକୋବି ଏବଂ ବ୍ରୋକଲି), ବାଇଗଣ, ଟମାଟୋ, ଲଙ୍କା ଏବଂ କ୍ୟାପ୍ସିକମ ଲଗାଇବାର ଅନୁକୂଳ ସମୟ ଅଟେ । ପନିପରିବା ଯଥା ଗାଜର, ମୂଳା, ବିଳମ୍ବ କିସମ ପିଆଜ, ରସୁଣ ଆଦି ଲଗାନ୍ତୁ । ଅକ୍ଟୋବର ମାସରେ ଗୋଲାପର କାଣ୍ଡଛାଣ୍ଟ କରିବାର ପ୍ରକୃଷ୍ଟ ସମୟ ଅଟେ । ଏହା କରିବା ଦ୍ୱାରା ବହୁତ ଫୁଲ ହେବା ସହିତ ଗଛକୁ ଗୋଟିଏ ଭଲ ଆକାର ମିଳିଥାଏ ଏବଂ ରୋଗ ପୋକର ମାତ୍ରା ମଧ୍ୟ କମ ହୋଇଥାଏ । ନର୍ସରୀରେ କୋବି ଜାତୀୟ ଫସଲ ୩ ରୁ ୪ ସପ୍ତାହ ହୋଇଯାଇଥିଲେ ତାକୁ ମୁଖ୍ୟ କିଆରୀରେ ଲଗାନ୍ତୁ । ବର୍ତ୍ତମାନ ବିନ୍ସ ଲଗାଇବାର ପ୍ରକୃଷ୍ଟ ସମୟ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ସର୍ବଦା ପାଗ ପରିଷ୍କାର ଥିବା ସମୟରେ ଫସଲରେ ଔଷଧ ସିଞ୍ଚନ କରନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ବର୍ତ୍ତମାନ ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା, ଆର୍ଦ୍ରତା ଓ ବର୍ଷାପରେ ସ୍ୱଚ୍ଛ ଆକାଶ ରହୁଥିବା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡିପୋକ ବା ଚକଡା ଏବଂ ଧଳାପିଠିଆ ଗଛ ଡିଆଁ ପୋକ ଦେଖାଦେଇଛି । ଏହି ପୋକ ଗୁଡିକର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ଧାନ ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ନାହିଁ । ଜଳ ନିୟନ୍ତ୍ରଣର ସୁବିଧା ଥିଲେ ପର୍ଯ୍ୟାୟ କ୍ରମେ ଜଳସେଚନ ଏବଂ ନିଷ୍କାସନ କରନ୍ତୁ ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ । ସୂର୍ଯ୍ୟାଲୋକ ଏବଂ ବାୟୁ ଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗକୁ ୬ ଫୁଟ ବ୍ୟବଧାନରେ ପାହି କରନ୍ତୁ । ପ୍ରାଥମିକ ଅବସ୍ଥାରେ ବୁଦା ପ୍ରତି ୫ ରୁ ୧୦ ଟି ପୋକ ଦେଖାଦେଲେ ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୧୨୦-ଗ୍ରାମ Pymetrozine କିମ୍ବା ୮୦-ଗ୍ରାମ Dinotefuran କିମ୍ବା ୬୦-ଗ୍ରାମ Flonicamid କିମ୍ବା ୧୦୦-ମିଲି Triflumezopyrim, ୨୦୦-ଲିଟର ପାଣିରେ ମିଶାଇ ବୁଦା ମୂଳକୁ ଲକ୍ଷ୍ୟ କରି ସିଂଚନ କରନ୍ତୁ । ମାଟିଆ ଗୁଣ୍ଡି ପୋକ ପାଇଁ ଅନୁମୋଦିତ କୀଟନାଶକକୁ ସଠିକ ମାତ୍ରାରେ ବ୍ୟବହାର କରନ୍ତୁ । ଜୀବାଣୁ ଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରୀରେ ପାଣି ଜମି ରହୁଥିଲେ ପାଣି କାଟିଦିଅନ୍ତୁ । ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ । ରୋଗ ଲାଗିଥିବା ସମୟରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଜୈବିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୨୦-କିଲୋଗ୍ରାମ ସଜ ଗୋବରକୁ ୨୦୦ ଲିଟର ପାଣିରେ ମିଶାନ୍ତୁ ଏବଂ ଏହି ମିଶ୍ରଣକୁ ଭଲଭାବରେ ଛାଣି ଆକ୍ରାନ୍ତ କିଆରୀରେ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ Copper Hydroxide କିମ୍ବା ୨୦୦-ଗ୍ରାମ Plantomycin ସହିତ ୬୦୦-ଗ୍ରାମ Copper Oxy Chloride ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ଷା ଛାଡିବା ପରେ ଧାନରେ ଲେଡା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫ ମିଲି ଲାମ୍ବଡା ସାଇହାଲୋଥ୍ରିନ କିମ୍ବା ୨ ମିଲି କ୍ଲୋରପାଇରିଫସ ଓ ସାଇପରମେଥ୍ରିନ ର ମିଳିତ କୀଟନାଶକକୁ ସିଞ୍ଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପର ବେଳା କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ । |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ତୁଳା | ବୁଣା ଯାଇଥିବା କପା ବର୍ତମାନ ଫୁଲ ଧରିବାରୁ ବକରା ଧରିବା ଅବସ୍ଥାରେ ଅଛି । ବର୍ତ୍ତମାନ ତାପମାତ୍ରା ଏବଂ ଆର୍ଦ୍ର ପାଗ କପାରେ ଶୋଷକ କୀଟର ସଂକ୍ରମଣ ନିମନ୍ତେ ଅନୁକୂଳ । ଆଗୁଆ ଲଗାଯାଇଥିବା କପା ଫସଲରେ ଯଦି ଜଉପୋକ ଓ ସବୁଜ ପତ୍ର ଡିଆଁ ପୋକ ଦେଖାଯାଏ, ତେବେ ଏହି ପୋକର ପରିଚାଳନା ନିମନ୍ତେ ଏକର ପ୍ରତି ୨୦ ଗ୍ରାମ ଏସିଟାମିପ୍ରିଡ କିମ୍ବା ୬୦୦-ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମସୁର/ ହରଡ଼ | ଶୋଷକ କୀଟ (ଜଉ, ଉକୁଣିଆ, ପତ୍ରଡିଆଁ, ଦହିଆ ଓ ଧଳାମାଛି): ବର୍ତମାନ ପାଗରେ ଶୋଷକ କୀଟମାନେ ଅଧିକ ସକ୍ରିୟ ରୁହନ୍ତି । ନିୟନ୍ତ୍ରଣ ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପିଛା ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ଆଯଜାଡିରାକଟିନ୍ ୧୫୦୦ପିପିଏମ୍ ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ଷା ଛାଡ଼ିଗଲା ପରେ ଝାଉଁଳା ରୋଗ ଦେଖାଦେଇପାରେ । ତେଣୁ ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ମେଟିରାମ୍ ୭୫% ଡବ୍ଲୁଜିକୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କାକୁଡି | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲରେ ଫଳ ମାଛି ଲାଗିବାର ସମ୍ଭାବନା ରହିଛି । ଫଳ ମାଛିର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣିରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି ମାଲାଥିଅନ ବା ଡିଡିଭିପି ନାମକ କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ଟି ସ୍ଥାନରେ ଛୋଟ ସରେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଏହା ଦ୍ୱାରା ଫଳମାଛି ଗୁଡିକ ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । |
| ଟମାଟର | ବିଲାତି ବାଇଗଣ ତଳି ବର୍ତମାନ ଗଜାରୁ ଏକ ସପ୍ତାହ ଚାରା ଅବସ୍ଥାରେ ଅଛି । ବିଲାତି ବାଇଗଣ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ବିଲାତି ବାଇଗଣର ଉନ୍ନତ କିସମ ଉତ୍କଳ ପ୍ରଜ୍ଞା, ଉତ୍କଳ ରାଜା, ଉତ୍କଳ କୁମାରୀ ଇତ୍ୟାଦି ତଳି ପକେଇବା ପାଇଁ ଏକର ପ୍ରତି ୨୦୦ ଗ୍ରାମ ବିହନ ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜିରେ ୧ ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମିରେ ଚାଷ ପାଇଁ ୫୦ ବର୍ଗମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ତଳି ପଟାଳି ୩ ମିଟର ଲମ୍ବା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ । ବର୍ଷା ଓ ଖରାରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପରେ ଛାମୁଣ୍ଡିଆ କରନ୍ତୁ । |
| ବନ୍ଧାକୋବି | ବନ୍ଧାକୋବି ତଳି ବର୍ତମାନ ଗଜାରୁ ହେବା ଅବସ୍ଥାରେ ଅଛି । ବନ୍ଧାକୋବି ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ବନ୍ଧାକୋବି ପାଇଁ ଏକରକୁ ୨୦୦ଗ୍ରାମ ବିହନ ତଳି ପକାନ୍ତୁ । ବନ୍ଧାକୋବି କିସମ Golden acre, Pride of India ଇତ୍ୟାଦି ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜିରେ ୧ଗ୍ରାମ Bavistin ସହିତ ୨ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମିରେ ଚାଷ ପାଇଁ ପାଖାପାଖି ୫୦ବର୍ଗମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ତଳି ପଟାଳି ୩ ମିଟର ଲମ୍ବା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ । ବର୍ଷା ଓ ଖରାରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପରେ ଛାମୁଣ୍ଡିଆ କରନ୍ତୁ । |
| ଫୁଲକୋବି | ଫୁଲକୋବି ତଳି ବର୍ତମାନ ଗଜା ହେବା ଅବସ୍ଥାରେ ଅଛି । ଫୁଲକୋବି ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ଫୁଲକୋବି ପାଇଁ ଏକରକୁ ୨୦୦ ଗ୍ରାମ ବିହନ ତଳି ପକାନ୍ତୁ । ଫୁଲକୋବି କିସମ K-1, Pusa early synthetic and Pusa early Kuanri ଇତ୍ୟାଦି ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜିରେ ୧ ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମିରେ ଚାଷ ପାଇଁ ୫୦ ବର୍ଗମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ତଳି ପଟାଳି ୩ ମିଟର ଲମ୍ବା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ । ବର୍ଷା ଓ ଖରାରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପରେ ଛାମୁଣ୍ଡିଆ କରନ୍ତୁ । |
| ପିଆଜ | ପିଆଜ ତଳି ବର୍ତମାନ ଗଜାରୁ ୧ ସପ୍ତାହ ଚାରା ଅବସ୍ଥାରେ ଅଛି । ପିଆଜ ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ପିଆଜ ଚାଷ ପାଇଁ ଏକରକୁ ୪ କିଲୋ ଉନ୍ନତ କିସମ ବିହନ Agrifound light Red, Bhima Super, Bhima Red, Bhima Shakti ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜିରେ ୧ଗ୍ରାମ Bavistin ସହିତ ୨ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମିରେ ଚାଷ ପାଇଁ ପାଖାପାଖି ୫୦ ବର୍ଗମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ତଳି ପଟାଳି ୩ ମିଟର ଲମ୍ବା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ । ବର୍ଷା ଓ ଖରାରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପରେ ଛାମୁଣ୍ଡିଆ କରନ୍ତୁ । ମୂଳଶଢା ରୋଗରୁ ରକ୍ଷା କରିବା ନିମନ୍ତେ ତଳିଘେରାରେ ୦.୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ସହିତ କାର୍ବେଣ୍ଡାଜିମ ମିଶାଇ ମାଟିକୁ ଭିଜାନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଞ୍ଚବିନ | ବିନସ୍ ଛୁଇଁବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ Emamectin Benzoate ୫% ଏସ୍. ଜି. ୯୦ ଗ୍ରାମ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫ % ଏସ୍. ସି. ୬୦ ମିଲି କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍. ସି. ୪୦ ମିଲି ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଆପଣଙ୍କର ଗୃହପାଳିତ ପ୍ରାଣୀ ଯଦି ଦୁର୍ବଳ ହେଇଯାଉଛି, ଖାଦ୍ୟ ଗ୍ରହଣ ଠିକଭାବରେ କରୁନାହିଁ, ବାଛୁରି ମାନେ ଠିକଭାବେ ବଢୁ ନାହାନ୍ତି, ଦେହରେ ଚମଡା ଚିକ୍କଣ ଦେଖାଯାଉନାହିଁ, ପତଳା ଝାଡା ହେଉଛି, ଆଖି ଭିତର ସେଥା ଦେଖାଯାଉଛି, ଦୁଗ୍ଧ ଉତ୍ପାଦନ କମିଯାଉଛି ତାହେଲେ ପ୍ରାଣୀଟି କୃମି ଦ୍ୱାରା ଆକ୍ରାନ୍ତ ହୋଇଥାଇପାରେ । ଯଥାସମୟରେ ଚିକିତ୍ସା ନକଲେ ପ୍ରାଣୀଟି ମୃତ୍ୟୁ ମୁଖରେ ପଡିପାରେ । ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପ୍ରାଣୀମାନଙ୍କର ମଳ ଓ ଗୋବର ସ୍ଥାନୀୟ ଚିକିତ୍ସା କେନ୍ଦ୍ରରେ ପରୀକ୍ଷା କରାନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ପୋଖରୀରେ ଅମ୍ଳଜାନ କମିଗଲେ ମାଛ ମାନେ ପାଣି ଉପରକୁ ଆସି ପାଟି ପାକୁ ପାକୁ କରିବେ ଓ ମରିଯିବେ । ଚାଷ କରାଯାଉଥିବା ପୋଖରୀରେ ଅମ୍ଳଜାନ ଲିଟର ପ୍ରତି ୫ ମିଲି ରହିବା ଉଚିତ । ଏରେଟର ବ୍ୟବହାର କରି ଏହାର ପରିମାଣକୁ ବଜାୟ ରଖାଯାଇପାରିବ । ଏକ ସରଳ ଉପାୟରେ ପୋଖରୀରେ ଅମ୍ଳଜାନର ପରିମାଣ ନିଅନ୍ତ୍ରିତ କରି ପୋଖରୀ ଜଳକୁ ବୁଲାଇବା ପାଇଁ ଏକ ପମ୍ପ ବ୍ୟବହାର କରି ପୋଖରୀର ତଳ ପୃଷ୍ଠରୁ ପାଣି ନେଇ ପୋଖରୀ ଉପରେ ଛିଞ୍ଚି ପାରିବେ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଟକ | କୁକୁଡା ମାନେ ୩ ରୁ ୪ ସପ୍ତାହର ହୋଇଯାଇ ଥିଲେ ରାଣୀଖେତ ରୋଗ ପାଇଁ ଟୀକାକରଣ କରନ୍ତୁ । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | ବର୍ଷା ପରେ ପନିପରିବା ଫସଲ ଜମିରେ ପାଣି ଜମି ରହିଥିଲେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ପନିପରିବା ଫସଲ ଯଥା ବାଇଗଣ, ଲଙ୍କା ଆଦି ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ରହିଛି । ଝାଉଁଳା ରୋଗର ପରିଚାଳନା ପାଇଁ ପ୍ରଥମେ ଆକ୍ରାନ୍ତ ଗଛଗୁଡିକୁ ଓପାଡି ଦୂରରେ ନଷ୍ଟ କରିଦିଅନ୍ତୁ । ଫସଲରେ ଅଧିକ ପରିମାଣରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୨୦୦- ମିଲି Tebuconazole ଫିମ୍ପିନାଶକ ସହିତ ୨୦-ଗ୍ରାମ Streptocycline ମିଶାଇ ଗଛ ମୂଳକୁ ଭଲଭାବରେ ଭିଜାନ୍ତୁ । |

## ଆବହାୱିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ଡଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଢେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**